# ବରଯାତ୍ରୀରେ ଯୁବକଙ୍କୁ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ



ପାରଳାଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲାର ମୋହନା ଥାନା ଚନ୍ଦ୍ରଗିରିରେ ବରଯାତ୍ରୀ ବେଳେ ଯୁବକଙ୍କୁ ଛୁରୀ ଭୁଷି ହତ୍ୟା ଘଟଣା ଗିରଫ ମୁଖ୍ୟ ଅଭିଯୁକ୍ତ ଶ୍ରୀହରି ପ୍ରଧାନଙ୍କ ସମେତ ସହଯୋଗୀ ତଥା ତା' ଭାଇ କୃଷ୍ଣଅର୍ଜୁନ ପ୍ରଧାନଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି ପୁଲିସ । ସେଠାରେ ଜାମିନ୍ ନାମଞ୍ଜୁ ମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଆର୍ ଉଦୟଗିରି ସବ୍‌ଜେଲ୍‌କୁ ପଠାଇ ଦିଆଯାଇଛି । ହତ୍ୟାରେ ବ୍ୟବହୃତ ଛୁରୀକୁ ଜବତ କରିଛି ପୋଲିସ । ଅନ୍ୟପଟେ ହତ୍ୟା ଘଟଣାକୁ ପ୍ରତିବାଦ କରି ରାସ୍ତାରୋକ, ଗାଡି ଏବଂ ଏବଂ ଘର ପୋଡି ଘଟଣାରେ ୨୫ରୁ ଅଧିକ ଲୋକଙ୍କ ନାମରେ ମାମଲା ରୁଜୁ କରିଛି ପୁଲିସ । ସୂଚନାଯୋଗ୍ୟ ଯେ ଗତ ମଙ୍ଗଳବାର ବିବାହ ଶୋଭାଯାତ୍ରା ଚାଲିଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପ୍ରଶାନ୍ତ ପ୍ରଧାନଙ୍କୁ ଗ୍ରାମର ଶ୍ରୀହରି ପ୍ରଧାନ ଛୁରୀ ଭୂଷି ହତ୍ୟା କରିଥିବା ବେଳେ ଏହି ଘଟଣାରେ ତା' ଭାଇ କୃଷ୍ଣଅର୍ଜୁନ ପ୍ରଧାନ ସହଯୋଗ କରିଥଲା ।

# କୁକୁଡ଼ା ଲଢ଼େଇରୁ ଯୁବକଙ୍କୁ ହତ୍ୟା

କେନ୍ଦୁଝର : କେନ୍ଦୁଝର ଜିଲ୍ଲାର ବିଭିନ୍ନ ସାପ୍ତାହିକ ହାଟରେ ବେଧଡ଼କ କୁକୁଡ଼ା ଲଢ଼େଇ ଓ ଜୁଆଖେଳ ଚାଲିଥିଲେ ମଧ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । କେନ୍ଦୁଝର ସଦର ବ୍ଲକ୍ ନୂଆଗାଁ ମଙ୍ଗଳବାର ସାପ୍ତାହିକ ହାଟରେ କୁକୁଡ଼ା ଲଢ଼େଇକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଘଟିଛି । ଠେଙ୍ଗାମାଡ଼ରେ ଗୁରୁତର ହୋଇଥିବା ଜଣେ ଯୁବକଙ୍କ କଟକ ବଡ଼ଡାକ୍ତରଖାନାରେ ମୃତ୍ୟୁ ଘଟିଛି । ମୃତକ ହେଲେ ପୋଇପାଣି ଧୁବଲାବେଡ଼ାସାହିର ଦୁଃଖୀରାମ ମାଝୀ (୩୦) । ଦୁଃଖୀରାମଙ୍କ ମୃତ୍ୟୁ ପରେ ତାଙ୍କ ବିଧବା ପତ୍ନୀ ବୈଜୟନ୍ତୀ ଓ ଶିଶୁପୁତ୍ର ଅସହାୟ ହୋଇପଡ଼ିଛନ୍ତି ।

# ଗଜପତିର ମୋହନାକୁ ଏନ୍‌ଏସି ଘୋଷଣା ଦାବିରେ ୨୪ ଘଣ୍ଟିଆ ବନ୍ଦ ପାଳନ



ପାରଳାଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲା ଅନ୍ତର୍ଗତ ମୋହନା ବ୍ଲକ ଓଡ଼ିଶା ର ଦ୍ୱିତୀୟ ବୃହତ୍ତମ ବ୍ଲକ । ଦୀର୍ଘ ବହୁ ବର୍ଷ ଧରି ମୋହନାକୁ ଏନ୍‌ଏସି ମାନ୍ୟତା ନିମନ୍ତେ ଦାବି କରାଯାଉଛି । ହେଲେ ସରକାର ଓଡ଼ିଶା ର ଅନେକ ଅଞ୍ଚଳକୁ ଏନ୍‌ଏସି ଘୋଷଣା କରିଥିଲେ ମଧ ମୋହନା ସେଥିରୁ ବାଦ୍ ପଡ଼ିଛି । କିଛି ଦିନ ପୂର୍ବେ ମୋହନା ଏନ୍‌ଏସି କ୍ରିୟାନୁଷ୍ଠାନ କମିଟି ଭୁବନେଶ୍ୱର ଯାଇ ବିଭାଗୀୟ ମନ୍ତ୍ରୀଙ୍କ ସମେତ ଅଧିକାରୀ ମାନଙ୍କୁ ସାକ୍ଷାତ କରି ପୁଣି ଦାବି ଉପସ୍ଥାପନ କରିଥିଲେ ମଧ ଦ୍ୱିତୀୟଥର ଘୋଷଣାରେ ମୋହନା ସ୍ଥାନ ପାଇନାହିଁ । ତେଣୁ ମୋହନା ଅଞ୍ଚଳବାସୀ ଦଳମତ ନିର୍ବିଶେଷରେ ଏକତ୍ରିତ ହୋଇ ସକାଳ ୬ଟାଠାରୁ ବନ୍ଦ ଆରମ୍ଭ ହୋଇ ଚବିଶି ଘଣ୍ଟା ବନ୍ଦ ଚାଲୁ ରହିଛି । ତେବେ ଦରକାର ପଡ଼ିଲେ ମୋହନାକୁ ଏନଏସି ଘୋଷଣା ହେବା ପର୍ଯ୍ୟନ୍ତ ବନ୍ଦ ପାଳନ ଚାଲୁ ରହିବ ବୋଲି କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ମାନେ ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡାଙ୍କୁ ଏହି ସୂଚନା ଦେଇଛନ୍ତି । ମୋହନା ବଜାର ମଧ୍ୟରେ ଅନେକ ମାଲ ବୋଝେଇ ଟ୍ରକ ସହ ଯାତ୍ରୀବାହୀ ବସ୍ ମଧ ଅଟକି ରହିଥିବା ଦେଖିବାକୁ ମିଳିଛି । ରାଜ୍ୟ ସରକାର ମୋହନା କୁ ଏନ୍‌ଏସି ଘୋଷଣା କରିବା ନିମନ୍ତେ ସର୍ବସାଧାରଣରେ ଦାବି ହେଉଛି । ମୋହନା ପୋଲିସ ଘଟଣା ପ୍ରତି ସତର୍କ ଦୃଷ୍ଟି ଦେବା ସହ କଡ଼ା ପହରା ଦେଉଥିବା ଦେଖିବାକୁ ମିଳୁଛି ।

# ସରକାରୀ ଯୋଜନାରୁ ବଞ୍ଚିତ ଭିନ୍ନକ୍ଷମ ଯୁବତୀ ଶ୍ରୀମତୀ

ମୁଖୀଗୁଡା, (ହି.ସ.)- ଆଧାର କାର୍ଡ ନଥିବା ଯୋଗୁଁ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହୋଇ ଦୁର୍ବିସହ ଜୀବନ କାଟୁଛନ୍ତି କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଚିର୍କା ଗାଁର ଭିନ୍ନକ୍ଷମ ଯୁବତୀ ଶ୍ରୀମତୀ ଶବର । ତାଙ୍କ ବୟସ ୨୪, ହେଲେ ଜନ୍ମରୁ ଡାହାଣ ହାତ କହୁଣୀ ପର୍ଯ୍ୟନ୍ତ ଥିବାବେଳେ ବହୁ ସଂଘର୍ଷମୟ ପରିସ୍ଥିତିରେ ଛୋଟରୁ ବଡ଼ ହୋଇଛନ୍ତି ଶ୍ରୀମତୀ । ଗୋଟିଏ ହାତ ନଥିଲେ ବି ଜୀବନ ପଥରେ ଆଗେଇ ଆସିଛନ୍ତି । ଗାଁ ରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢି ସାରିବା ପରେ ଦୀର୍ଘ ତିନି କିମି ଚାଲି ଚାଲି ଜୟପାଟଣା ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢିଲେ । ୨୦୧୦ ମସିହାରୁ ଭିନ୍ନକ୍ଷମ ଭତା ମିଳୁଛି ସତ, କିନ୍ତୁ ଗୋଟିଏ ହାତ ପାପୁଲି ଯୋଗୁଁ ଆଧାର କାର୍ଡ ହେଉନଥିବା ହେତୁ ଉଚ୍ଚ ଶିକ୍ଷା ଓ ବିଭିନ୍ନ ସରକାରୀ ଯୋଜନାରୁ ବଂଚିତ ହୋଇ ରହିଥିବା ଅଭିଯୋଗ କରିଛନ୍ତି ଶ୍ରୀମତୀ । ଏପରିକି ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିଲେ ସୁଦ୍ଧା ଚାଉଳ ପାଇବାରୁ ବଂଚିତ ହୋଇଛନ୍ତି ଶ୍ରୀମତୀ । ତାଙ୍କ ଘରର ଆର୍ଥିକ ଅବସ୍ଥା ତାଙ୍କ ଦୁଃଖକୁ ଦୁଇଗୁଣ କରି ଦେଇଛି । ଶ୍ରୀମତୀ ଘରର ସବୁଠାରୁ ଛୋଟ ହୋଇଥିବା ବେଳେ ବଡ଼ ଭାଇ ଓ ଭଉଣୀର ବିବାହ ହୋଇସାରିଛି । ମା ବାପା, ଭାଇ ଓ ଭାଉଜ କୁଲି ମଜୁରୀ କରି ବର୍ତ୍ତମାନ ଶ୍ରୀମତୀଙ୍କ ସମସ୍ତ କଥା ବୁଝୁଛନ୍ତି । ଗୋଟିଏ ହାତ ନଥିବା ହେତୁ କୌଣସି ଓଜନ କାମ କିମ୍ବା ରୋଷେଇ ମଧ କରି ପାରୁନାହାନ୍ତି ଶ୍ରୀମତୀ । ଆଧାର କାର୍ଡ ପାଇଁ ସେ ଭବାନୀପାଟଣା, ଧର୍ମଗଡ଼ ଓ ଜୟପାଟଣାକୁ ଅନେକ ଥର ଯାଇ ଆବେଦନ କରିଥିଲେ ସୁଦ୍ଧା କୌଣସି ଲାଭ ହୋଇନାହିଁ ବୋଲି ଅଭିଯୋଗ କରିଛନ୍ତି । ସରକାରୀ ଯୋଜନା ବିଷୟରେ ଅଜ୍ଞ ଥିବା ଶ୍ରୀମତୀଙ୍କ ପରିବାର ପାଇଁ ସବୁ ଯୋଜନା ଆଉ ବ୍ୟବସ୍ଥା ସାତ ସପନ ହୋଇଛି । ଅନ୍ୟପଟେ ଶ୍ରୀମତୀଙ୍କୁ ସରକାରଙ୍କ ତରଫରୁ ଏକ କୃତ୍ରିମ ହାତ ଯୋଗାଇ ଦେଲେ ଜୀବନରେ କିଛି ପରିବର୍ତ୍ତନ ହୋଇ ପାରନ୍ତା ବୋଲି ଆଶା କରୁଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି ।

# ଢେଙ୍କିକୋଟରେ ମୋଦୀ ଗ୍ୟାରେଣ୍ଟି ସମାବେଶ

ଘଟଗାଁ, (ହି.ସ.)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶ ପ୍ରକ୍ରିୟାକୁ ଦେଶବାସୀ ଗ୍ରହଣ କରିଛନ୍ତି । ମୋଦୀ ଯାହା କହିଛନ୍ତି, ତାହା କରନ୍ତୁ । ଯେଉଁ କାର୍ଯ୍ୟର ଶିଳାନ୍ୟାସ କରନ୍ତି, ତାହାର ଉଦଘାଟନ ବି କରନ୍ତି । ମୋଦି ଆଜି ସାରା ଦେଶ ପାଇଁ ଗ୍ୟାରେଂଟି ପାଲଟି ଯାଇଛନ୍ତି । ଢେଙ୍କିକୋଟ ବିଜେପି ପକ୍ଷରୁ ସ୍ଥାନୀୟ ହାଟପଡ଼ିଆ ଠାରେ ଆୟୋଜିତ ମୋଦି ଗ୍ୟାରେଂଟି ସମାବେଶରେ ଯୋଗଦେଇ ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଯଜ୍ଞ ପ୍ରସାଦ ଏହା କହିଛନ୍ତି । ପୂର୍ବତନ ମଣ୍ଡଳ ସଭାପତି ଜିତେନ୍ଦ୍ର ପଲେଇଙ୍କ ଅଧକ୍ଷତାରେ ଆୟୋଜିତ ସମାବେଶରେ ଯଜ୍ଞ ପ୍ରସାଦ ଆହୁରି କହିଥିଲେ, ବିଧାୟକ ବଦ୍ରି ପାତ୍ରଙ୍କ ନେତୃତ୍ୱରେ ନିର୍ବାଚନ ମଣ୍ଡଳୀରେ ଅରାଜକତା ବଢ଼ିଛି । ଦୁର୍ନୀତି ଓ ଭ୍ରଷ୍ଟାଚାର ସୀମା ଟପିଛି । ପୂର୍ବତନ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ବେହେରା ହତ୍ୟା ଘଟଣାର ୫ ଜଣ ଦୋଷୀଙ୍କୁ କୋର୍ଟ ଫାଶୀ ଦଣ୍ଡାଦେଶ ଦେଇଛନ୍ତି । ଏମାନେ ସବୁ ବିଜେଡି ଓ ବଦ୍ରି ବାବୁଙ୍କ ପ୍ରମୁଖ ଲୋକ ବୋଲି ଶ୍ରୀ ପ୍ରସାଦ କହିଛନ୍ତି । ବିଜେଡି ରକ୍ତର ହୋଲି ଖେଳ ଓ ଗରିବ ଲୋକଙ୍କୁ ଶୋଷଣ କରୁଥିବା ସେ କହିଛନ୍ତି । ଏହି ସମାବେଶରେ ବରିଷ୍ଠ ନେତା ରାଜେନ୍ଦ୍ର ପଟ୍ଟନାୟକ, ସରପଂଚ ମୁକୁନ୍ଦ ମୁଣ୍ଡା, ଆନନ୍ଦ ମହାନ୍ତ, ତ୍ରିନାଥ ମହାରଣା, ତୀର୍ଥ ବାରିକ, ନବ ବେହେରା, ଚୁଡ଼ଙ୍ଗ ନାୟକ, ମହେଶ୍ୱର ପାତ୍ର, ସରୋଜ ପଣ୍ଡା, ଅଜୟ ପଣ୍ଡା, ପ୍ରଶାନ୍ତ ଗିରି, ସଦାନନ୍ଦ ମହାନ୍ତ, ବିଷ୍ଣୁନନ୍ଦ ବେହେରା, ହୃଷୀକେଶ ମହାକୁଡ, ମଳୟ ନାୟକ, ଗୋଲକ ବଳ ପ୍ରମୁଖ ମଂଚାସିନ ରହିଥିଲେ । ଶରତ ବେଜ, ମକରଧ୍ୱଜ ବେହେରା, ଗୋବିନ୍ଦ ମହାନ୍ତ, ରତିକାନ୍ତ ବେହେରା, ପ୍ରଶାନ୍ତ ଗିରି, ପ୍ରଶାନ୍ତ ସିଂ, କୈଳାସ ନାୟକ, ଲାଲମୋହନ ମହାରଣା, ସୁଶାନ୍ତ ଦେହୁରୀ, ସୁବାସ ନାୟକ, ଗଣେଶ କୁମାର ବେଜ, ଶିବ କୁମାର ନାୟକ, କାହ୍ନୁ ଚରଣ ମହାରଣା, ବଳଭଦ୍ର ଗୌରାଙ୍ଗ ମହାକୁଡ ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । ଏହି ସମାବେଶରେ ଢେଙ୍କିକୋଟ ଜୋନର ୧୦ଟି ପଞ୍ଚାୟତରୁ ଶହ ଶହ ସଂଖ୍ୟାରେ ଜନସାଧାରଣ ସାମିଲ ହୋଇଥିଲେ ।

# ଗଜପତିରେ ପ୍ରାଥମିକ ବିଦ୍ୟାଳୟ ପରୀକ୍ଷା ପ୍ରଶ୍ନପତ୍ର ଯୋଗାଣରେ ତ୍ରୁଟି

ପାରଳାଖେମୁଣ୍ଡି, (ପିପିଏସ୍): ଆସନ୍ତାକାଲିଠାରୁ ପ୍ରାଥମିକ ଠାରୁ ଉଚ୍ଚ ପ୍ରାଥମିକ ଶ୍ରେଣୀର ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ପ୍ରଶ୍ନପତ୍ର ଯୋଗାଣରେ ଗୁରୁତର ବିଭ୍ରାଟ ଦେଖିବାକୁ ମିଳିଛି । ଗଜପତି ଜିଲ୍ଲାରେ ବହୁ ବିଦ୍ୟାଳୟରେ ଉଭୟ ଭାଷାର ପିଲାମାନେ ପାଠ ପଢୁଛନ୍ତି । କିନ୍ତୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ବହୁ ବିଷୟରେ ପ୍ରଶ୍ନପତ୍ର ତାଲିକା ଅନୁଯାୟୀ ପ୍ରଶ୍ନପତ୍ର ଯୋଗାଇବାରେ ଜିଲ୍ଲା ଶିକ୍ଷା ବିଭାଗ ବିଫଳ ହୋଇଛି । ତେଲୁଗୁ ବିଭାଗରେ ବହୁ ବିଷୟରେ ପ୍ରଶ୍ନ ପତ୍ର ଆସିନାହିଁ । ପୂର୍ବରୁ ଜିଲ୍ଲା ଶିକ୍ଷା ବିଭାଗ ତେଲୁଗୁ ବିଷୟ ପ୍ରଶ୍ନ ପାଇଁ ତେଲୁଗୁ ଶିକ୍ଷକଙ୍କୁ ନିୟୋଜିତ କରି ପ୍ରଶ୍ନ ପ୍ରସ୍ତୁତ କରିଥିଲେ ସୁଦ୍ଧା ତେଲୁଗୁ ପିଲାଙ୍କ ହିସାବ ଜିଲ୍ଲା କର୍ତ୍ତୃପକ୍ଷଙ୍କ ପାଖରେ ନାହିଁକି ବୋଲି ଅବିଭାବକମାନେ ପ୍ରଶ୍ନ କରିଛନ୍ତି ? ଏଭଳି ବିଭ୍ରାଟ ଅରମ୍ଭରୁ ଉପୁଜିଥିବାରୁ ପରୀକ୍ଷା କିଭଳି ପରିଚାଳନା କରାଯିବ ଶିକ୍ଷକମାନେ ମଧ ଦ୍ୱନ୍ଦ୍ୱରେ ପଡ଼ିଥିବା ଆଲୋଚନା ହେଉଛି ।

# ପ୍ରଶାସନ ଏବଂ ମହାନଦୀ କୋଲ୍ଡ ଫିଲ୍ଡ ଲିମିଟେଡ ମଧ୍ୟରେ ୧୧.୬ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷରିତ

ବଲାଙ୍ଗୀର, (ହି.ସ.) : ବଲାଙ୍ଗୀର ଜିଲ୍ଲା ମୁଖ୍ୟାଳୟ ରେ ଜିଲ୍ଲା ପ୍ରଶାସନ ଏବଂ ମହାନଦୀ କୋଲ୍ଡ ଫିଲ୍ଡ ଲିମିଟେଡ ମଧ୍ୟରେ ୧୧.୬ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଜିଲ୍ଲାରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଏହି ଚୁକ୍ତିବଳରେ ଏମ୍‌ସିଏଲ୍ ସହଯୋଗ କରିବ । ଟେରାକୋଟା ସ୍କିଲ ସେଣ୍ଟର ପାଇଁ ୩ କୋଟି ୫୦ ଲକ୍ଷ , ଭୀମଭୋଇ ମେଡ଼ିକାଲ ବିଭିନ୍ନ ମେସିନ ତଥା ଉପକରଣ ପାଇଁ ୨ କୋଟି ୬୬ ଲକ୍ଷ ରୁ ଉର୍ଦ୍ଧ ,କଣ୍ଟାବାଞ୍ଜି ଉପଖଣ୍ଡ ସ୍ତରୀୟ ହସପିଟାଲ ଅକ୍ସିଜେନ ପାଇପଲାଇନ ପାଇଁ ୧.୫ କୋଟି, ଦୁଗ୍ଧ ଚାଷୀଙ୍କ ପ୍ରଶିକ୍ଷଣ ନିମନ୍ତେ ପ୍ରଶିକ୍ଷଣ କେନ୍ଦ୍ର ପାଇଁ ୧.୮୮ କୋଟି , ଏସସି ଏସଟି ବିଭିନ୍ନ ହଷ୍ଟେଲ ଗୁଡିକରେ ଇନ୍ଭର୍ଟର ପାଇଁ ୪୯ ଲକ୍ଷ , ୩୦ ଇ ରିକଶା ପାଇଁ ୪୧ ଲକ୍ଷ ୧୦ ହଜାର ,ପାଟଣାଗଡ଼ ହସପିଟାଲ ରେ ଧାଡ଼ି ମ୍ୟାନେଜମେଣ୍ଟ ସିଷ୍ଟମ ନିମନ୍ତେ ୨୦ ଲକ୍ଷ ,ସ୍ୱଧାର ଗୃହ ପାଇଁ ୧୫ ଲକ୍ଷ, ଟିଟିଲାଗଡ ବର୍ଜ୍ୟବସ୍ତୁ ପରିଚାଳନା ଗାଡି ନିମନ୍ତେ ୧୫ ଲକ୍ଷ ୫୦ ହଜାର ଏବଂ କଣ୍ଟାବାଞ୍ଜି ପାଇଁ ୧୧ ଲକ୍ଷ , ଜିପିଏସ ଦ୍ୱାରା ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବଲାଙ୍ଗୀର ସହର ପାଇଁ ୧୫ ଲକ୍ଷ , ଅନ୍ୱେଷା ହଷ୍ଟେଲରେ ୪ ଟି ଲାଇବ୍ରେରୀ ପାଇଁ ୪ ଲକ୍ଷ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ଏହି ଟଙ୍କା ବିନିଯୋଗ ହେବ । ୧୧ କୋଟି ୬୧ ଲକ୍ଷ ୩୧ ହଜାର ୯୮୮ଟଙ୍କାର ଅନୁଦାନ ଜିଲ୍ଲାକୁ ମିଳିବ ।

# ସମ୍ବଲପୁରରେ ବିଦ୍ୟାର୍ଥୀ ପରିଷଦର ପ୍ରତିଭା ସଂଗମ

ସମ୍ବଲପୁର, (ହି.ସ.) - ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ରାଷ୍ଟ୍ରୀୟ କଳାମଂଚର ଜିଲ୍ଲା ସ୍ତରୀୟ ପ୍ରତିଭା ସଙ୍ଗମ 'ଦୁଲ୍ ଦୁଲି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ବିଭିନ୍ନ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ୩ ଶହରୁ ଅଧିକ ଛାତ୍ର ଛାତ୍ରୀ ମାନେ ଭାଗ ନେଇ ଅନେକ ପ୍ରତିଯୋଗିତା ରେ ପ୍ରତିଭା ପ୍ରଦର୍ଶନ କରିଥିଲେ । ଏକକ ସଙ୍ଗୀତ ରେ ଅଙ୍କିତ ସଡଙ୍ଗୀ, ଏକକ ଅଭିନୟ ରେ ସ୍ୱରୂପା ସର, ଚିତ୍ରାଙ୍କନ ରେ ଖୁସି ସାହାଣୀ, ପାରମ୍ପରିକ ବେଶଭୂଷା ପ୍ରଦର୍ଶନ ରେ ପ୍ରଣୀତା ମେହେର, ଏକକ ନୃତ୍ୟ ରେ କେ ଏମ ପ୍ରୀତି ଲାବନ୍ୟା, ଦଳଗତ ନୃତ୍ୟ ରେ ସ୍ୱୟଂ ଡାନ୍ସ ଅକାଡେମୀ , କବିତା ଆବୃତିରେ ସନ୍ଧ୍ୟା ସିଂ ପ୍ରଥମ ପୁରସ୍କାର୧ ହାସଲ କରିଥିଲେ । ପ୍ରଥମ ଓ ଦ୍ୱତୀୟ ହେଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଆସନ୍ତା ୧୯, ୨୦ ଓ ୨୧ ତାରିଖ ରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଭା ସଙ୍ଗମରେ ଭାଗ ନେବା ପାଇଁ ସୁଯୋଗ ପାଇବେ । ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ଅର୍କ କେଶରୀ ଦାସ ମହାପାତ୍ର, ସମ୍ମାନିତ ଅତିଥି ମାରୱାଡ଼ି ଯୁବାମଂଚ ସଭାପତି ପରାଗ ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ ଏବିଭିପି ଓଡ଼ିଶାର ପ୍ରାନ୍ତ ସହ ସଂଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା, ଜିଲ୍ଲା ସଂଯୋଜକ ପ୍ରିତିଶ୍ କର, ନଗର ସମ୍ପାଦକ ନଗେନ ରାଉତ ପ୍ରମୁଖ ମଂଚାସୀନ ଥିଲେ । ବିକାଶ ଫାଉଣ୍ଡେସନର ଅଧକ୍ଷା ଡ଼. ମୃଦୁଳା ଠାକୁର ପ୍ରଧାନ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିବା ବେଳେ, ଶ୍ୱେତାଂଶୁ ଶେଖର ବରାଇ ମୁଖ୍ୟବକ୍ତ । ରାଜ୍ୟ ସହ ସଂପାଦିକା ସିମ୍ରନ୍ ପ୍ରଧାନ ,ରାଷ୍ଟ୍ରୀୟ କଳା ମଂଚ ରାଜ୍ୟ ପ୍ରମୁଖ ସଂକେତ ସାହୁ, ରାଜ୍ୟ ବିଶ୍ୱବିଦ୍ୟାଳୟ ସହ ସଂଯୋଜକ ୟଶ୍ୱର୍ଧନ ତିୱାରୀ , ଜିଲ୍ଲା ସହ ପ୍ରମୁଖ ଜିତୁରାଜ ଚାନ୍ଦ ଉପସ୍ଥିତ ରହି ବିଜେତା ମାନଙ୍କୁ ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ କଳାମଂଚ ଜିଲ୍ଲା ସଂଯୋଜକ ସ୍ୱାଧୀନ ଆଚାର୍ଯ୍ୟ ମଂଚ ପରିଚାଳନା କରିଥିବା ବେଳେ କୀର୍ତିମୟୀ ସାହୁ ସବୁ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

# ଆର୍‌ଏସ୍‌ପିର ଷ୍ଟିଲ ମେଲ୍‌ଟିଂ ସପ୍ -୨ ବିଭାଗରେ ହଟ୍ ମେଟାଲ ଲ୍ୟାଡଲ ପ୍ରି ହିଟର୍ ଉଦ୍‌ଘାଟିତ



ରାଉରକେଲା(ପିପିଏସ୍): ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ ମେଟିଂ ସପ୍ -୨ ବିଭାଗର ମିକ୍ସର-ବେ ରେ ଏକ ହଟ୍ ମେଟାଲ ଲ୍ୟାଡଲ ପ୍ରି-ହିଟର୍ ସଫଳତାର ସହ କାର୍ଯ୍ୟକ୍ଷମ ହୋଇଛି । ଷ୍ଟିଲ ମେଟିଂ ସପ୍ -୨ ବିଭାଗର ସିଜିଏମ୍ ଟି.ପି.ଶିବଶଙ୍କର ମାର୍ଚ୍ଚ ୮ ତାରିଖରେ ଏହି ନୂତନ ଲ୍ୟାଡଲ ପ୍ରି ହିଟର୍ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ବିଭାଗୀୟ ପ୍ରତିନିଧି ଜିଏମ୍ ଇନ୍‌ଚାର୍ଜ ମେକାନିକାଲ, ଏମଜି ଶ୍ରୀକାନ୍ତ, ଜିଏମ୍ ଚାର୍ଜ ଅପରେସନ ଏ.କେ.ଦାସ. ଜିଏମ୍ ଚାର୍ଜ ଇଲେକଟ୍ରିକାଲ ପି.ପ୍ରଣୟ, ବିଭାଗର ଅନ୍ୟ ଅଧିକାରୀ ତଥା ଡିଜାଇନ, ସିଭିଲ ଇଂଜିନିୟରିଂ ସର୍ଭିସେସ, ରିଫ୍ରାକଟୋରୀ ଇଂଜିନିୟରିଂ ସର୍ଭିସେସ ଆଦି ସହାୟକ ବିଭାଗ ଗୁଡିକର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଇସ୍ପାତ ପ୍ରସ୍ତୁତିର ପ୍ରକ୍ରିୟାକରଣ ନିମନ୍ତେ ମିକ୍ସରରୁ ଏଲ୍‌ଡି କନ୍‌ଭର୍ଟରକୁ ହଟ୍ ମେଟାଲ ସ୍ଥାନାନ୍ତରିତ ପାଇଁ ହଟ୍ ମେଟାଲ ଲ୍ୟାଡଲ ବ୍ୟବହୃତ ହୋଇଥାଏ । ଲ୍ୟାଡଲ ଲାଇଫ୍ ଆହୁରି ଉନ୍ନତତର ହେବା ପାଇଁ ରିଫ୍ରାକଟୋରୀ ଇଂଜିନିୟରିଂ ସର୍ଭିସେସ ପକ୍ଷରୁ ଏଏସ୍‌ସି ଯଥା ଆଲୁମିନା, ସିଲିକନ କାର୍ବାଇଡ କାର୍ବନ ଇଟାକୁ ବ୍ୟବହାର କରିବାକୁ ଯୋଜନା କରିଛି । ଉଲ୍ଲେଖଯୋଗ୍ୟ ଯେ. ଲ୍ୟାଡଲ୍‌ର ପ୍ରିହିଟିଂ ହେଉଛି ଏକ ବୈଷୟିକ ଆବଶ୍ୟକତା । ଏହି କାର୍ଯ୍ୟକ୍ରମ ସଂଯୋଜନାରେ ଏ.କେ.ଦାସ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ଜିଆର୍‌ଏସ୍‌ଙ୍କ ଘରୁ ସୁନା ଗହଣା ଓ ଟଙ୍କା ଲୁଟ୍



କେନ୍ଦୁଝର(ହି.ସ) : ଦିନ ଦି'ପହରରେ ଲୁଟି ନେଲେ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ଟଙ୍କା । କେନ୍ଦୁଝର ଜିଲ୍ଲା ଶୁଆକାଟି ବଜାର ନିକଟ ହାଇସ୍କୁଲ ସମ୍ମୁଖରେ ଥିବା ଶୁଆକାଟି ଜିଆର୍‌ଏସ୍ ଦମୟନ୍ତୀ ସାହୁଙ୍କ ଘରେ କେହି ନଥିବାର ସୁଯୋଗ ନେଇ ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସୁନା ଗହଣା ଓ ଆଲମାରି ଭିତରେ ଥିବା ନଗଦ ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି । ଦୁର୍ବୃତ୍ତମାନେ ଘର ଚାବି ଭାଙ୍ଗିବା ପରେ ଦୁଇଟି ଆଲମିରାକୁ ଭାଙ୍ଗି ସୁନା ଓ ଟଙ୍କା ଲୁଟି ନେଇଛନ୍ତି । ଜିଆର୍‌ଏସ୍ ଦମୟନ୍ତୀ ସାହୁ ସରକାରୀ କାମରେ ବାହାରକୁ ଯାଇ ଥିବା ବେଳେ ଦିନ ପ୍ରାୟ ୨ଟାରେ ତାଙ୍କ ଘରୁ ସୁନା ଚେନ, ମୁଦି, ଚୁଡ଼ି, ଶଙ୍ଖା, ବଳା ଲୁଟି ନେଇଛନ୍ତି । ଏଥି ସହ ତାଙ୍କ ସ୍ୱାମୀ ଜଣେ ବୀମା ଏଜେଣ୍ଟ ଓ ସେ ରଖିଥିବା ଲୋକଙ୍କ ପ୍ରିମିୟମ ରାଶି ପାଖା ପାଖି ଦେଢ଼ ଲକ୍ଷ ଟଙ୍କା ମଧ ଦୁର୍ବୃତ୍ତ ଲୁଟି ନେଇଥିବା ଅଭିଯୋଗ ହୋଇଛି । ଘଟଣାସ୍ଥଳରେ ଶୁଆକାଟି ଫାଣ୍ଡି ପୁଲିସ ପହଞ୍ଚି ତଦନ୍ତ ଚଳାଇଛି ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସେମିନାର

କୋରାପୁଟ(ହି.ସ) : ଆଗାମୀ ନିର୍ବାଚନରେ ଯୁବଗୋଷ୍ଠୀଙ୍କ ସାର୍ବଜନୀନ ଏବଂ ଜ୍ଞାନପ୍ରଦ ଅଂଶଗ୍ରହଣ ସୁନିଶ୍ଚିତ କରିବା ପାଇଁ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଏବଂ ଯୁବ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ ହୋଇଥିବା ଅଭିଯାନ "ମେରା ପେହଲା ଭୋଟ୍ ଦେଶ କେ ଲିଏ"ର ଏକ ଅଂଶ ଭାବରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ମାର୍ଚ୍ଚ ୧୩, ୨୦୨୪ରେ ଏକ ସେମିନାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲା ଉପଜିଲ୍ଲାପାଳ ଶ୍ରୀ ଦେବବ୍ରତ ମହାରଣା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନିର୍ବାଚନରେ ମୂଲ୍ୟବାନ ଭୋଟ୍ ଦେଇ ଅଧିକ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ । ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଓ ଭାରପ୍ରାପ୍ତ ରେଜିଷ୍ଟ୍ରାର ପ୍ରଫେସର ଏନ୍ ସି ପଣ୍ଡା କାର୍ଯ୍ୟକ୍ରମର ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ । ବିଶ୍ୱବିଦ୍ୟାଳୟର ପ୍ରୋକ୍ଟର ପ୍ରଫେସର ଭରତ କୁମାର ପଣ୍ଡା କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ଛାତ୍ର କଲ୍ୟାଣ ଡିନ୍ (ଡିଏସ୍‌ଡବ୍ଲ୍ୟୁ) ଡ. ରାମେନ୍ଦ୍ର କୁମାର ପାଢ଼ୀ; ଏନ୍ ଏସ୍ ଏସ୍ ର ସଂଯୋଜକ ଡ. ଅଞ୍ଜନେୟୁଲୁ ଥୋଟାପଲ୍ଲୀ; ଏବଂ ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇଙ୍କ ସମେତ ଅନ୍ୟ ଅଧାପକମାନେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ପୋଲ ତଳକୁ ଖସିପଡ଼ିଲା ଟ୍ରକ୍ ଚାଳକ ଓ ଖଲାସୀଙ୍କ ପ୍ରାଣଗଲା



ମୟୂରଭଞ୍ଜ : ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅଧୀନ ୧୮ ନମ୍ବର ଜାତୀୟ ରାଜପଥର ଜଗନ୍ନାଥଖୁଣ୍ଟା ସୁବର୍ଣ୍ଣରେଖା କେନାଲ୍ ନିକଟରେ ଘଟିଛି ମର୍ମନ୍ତୁଦ ଦୁର୍ଘଟଣା । ଏକ ଟ୍ରକ୍ ୨୫ ଫୁଟ୍ ପୋଲ ତଳକୁ ଖସିପଡ଼ିବାରୁ ଡ୍ରାଇଭର ଓ ଖଲାସୀଙ୍କ ଶୋଚନୀୟ ମୃତ୍ୟୁ ହୋଇଛି । ସୂଚନା ଅନୁସାରେ; ଆନ୍ଧ୍ରପ୍ରଦେଶର ପି-୦୭-ଟିଏଫ୍-୯୩୮ ନମ୍ବର ବିଶିଷ୍ଟ ଏକ ଟ୍ରକ୍ ପ୍ଲାଏଉଡ୍ ବୋଝେଇ କରି ନେପାଳ ଯାଉଥିଲା । ତେବେ କୌଣସି କାରଣରୁ ରାତି ପ୍ରାୟ ୨ଟା ବେଳେ ଏହା ଜଗନ୍ନାଥଖୁଣ୍ଟା ସୁବର୍ଣ୍ଣରେଖା କେନାଲ୍ ପୋଲ ଡିଭାଇଡରରେ ପିଟି ହୋଇ ୨୫ ଫୁଟ୍ ତଳକୁ ଖସିପଡ଼ିଥିଲା ।କେନାଲ୍ ଶଯ୍ୟା ଶୁଖିଲା ଥିବା ଯୋଗୁଁ ଟ୍ରକ୍‌ଟି ଚୂରମାର ହୋଇଯାଇଥିଲା । ଗୁରୁତର ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ବସୁନ୍ଧରା ଅଞ୍ଚଳର ଡ୍ରାଇଭର ଆଜ ନାରାୟଣା (୫୦) ଏବଂ ଖଲାସୀ ସେହି ଅଞ୍ଚଳର କୟାନା ଚିନାରାଓ (୪୦) ଟ୍ରକ୍ ଭିତରେ ଚାପି ହୋଇ ରହିଥିଲେ । ବାଙ୍ଗିରିପୋଷି ପୁଲିସ ଓ ଦମକଳ ବାହିନୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିବା ସହ ବାରିପଦା ଡାକ୍ତରଖାନା ନେଇଯାଇଥିଲେ । ହେଲେ, ଏଠାରେ ପହଞ୍ଚିବା ବେଳକୁ ଆଜ ଓ କୟାନାଙ୍କ ମୃତ୍ୟୁ ହୋଇଯାଇଥିଲା । ଏନେଇ ଥାନାରେ ୭୨/୩ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି ।

## ଦୃଷ୍ଟି ବାଧିତ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ୍ ବଣ୍ଟନ

# କଠିନ ପରିଶ୍ରମ, ଶୃଙ୍ଖଳା ଓ ନିଷ୍ଠାର ସହ ଭଲ ପାଠ ପଢିବାକୁ ଜିଲ୍ଲାପାଳଙ୍କ ପରାମର୍ଶ

ସୁବର୍ଣ୍ଣପୁର, (ହି.ସ.)- ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅନନ୍ୟା ଦାସ ଆଜି କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାରେ ନବମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପଢୁଥିବା ୫ ଜଣ ଦୃଷ୍ଟି ବାଧିତ ଛାତ୍ର ଛାତ୍ରୀଙ୍କୁ ଭାରତ ସରକାରଙ୍କ ଷ୍ଟାର୍ସ ପ୍ରକଳ୍ପ ଅନ୍ତର୍ଗତ ଲାପଟପ ସହିତ କଥନ ପୁସ୍ତକ ବଂଟନ ପ୍ରଦାନ କରିଛନ୍ତି । ଜିଲ୍ଲାପାଳ ଶ୍ରୀମତୀ ଦାସ ଛାତ୍ର ଛାତ୍ରୀଙ୍କୁ ଲାପ୍‌ଟପ୍ ପ୍ରଦାନ କରି କଠିନ ପରିଶ୍ରମ, ଶୃଙ୍ଖଳା ଓ ନିଷ୍ଠାର ସହ ଭଲ ପାଠ ପଢି ସୁ ନାଗରିକ ହେବାକୁ ପରାମର୍ଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମ ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଭାରପ୍ରାପ୍ତ ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ, ସମଗ୍ର ଶିକ୍ଷା ସଚ୍ଚିଦାନନ୍ଦ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ତରଭା ବ୍ଲକ ଅନ୍ତର୍ଗତ ଚାରଭଟା ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ର ସଂଜିତ ରଣା, ବିନିକା ବ୍ଲକର ବାଉଁସୁଣୀ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଛାତ୍ର ସତ୍ୟବାନ ସାଣ୍ଡ, ସିଂହୀଯୁବ ଉଚ୍ଚ ବିଦ୍ୟାଳୟର ଛାତ୍ର ପୁରୁଷୋତ୍ତମ ଖେତୀ, ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଉଲୁଣ୍ଡା ପଂଚାୟତ ସମିତି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଝୁନୁ ଜାଲ, ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ କର୍ଲାଜୁରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଶଶାଙ୍କ ସେଠୀ ପ୍ରଭୃତି ଜିଲ୍ଲାପାଳଙ୍କ ଠାରୁ ଲାପଟପ ଗ୍ରହଣ କରି ବହୁତ ଖୁସି ଅନୁଭବ କରିଥିଲେ । ଦୃଷ୍ଟି ବାଧିତ ଛାତ୍ର ଛାତ୍ରୀଙ୍କ ସହଜ ସୁବିଧା ତଥା ସରଳ ଶିକ୍ଷା ଗ୍ରହଣ ନିମନ୍ତେ ବିଶେଷ ସହାୟକ ପାଇଁ ପ୍ରଦତ ଲାପଟପରେ ଏନ ଭି ଡି ଏ ସଫ୍ଟୱେୟାର ଏବଂ ଅଡିଓ ପୁସ୍ତକ ଉପଲବ୍ଧ କରାଯାଇଛି ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲେ ସାମ୍ବାଦିକ

ସୁବର୍ଣ୍ଣପୁର, (ହି ସ): ସାମ୍ବାଦିକ ମାନଙ୍କର ନ୍ୟାର୍ଯ୍ୟ ଦାବି ପ୍ରତି ସରକାରଙ୍କ ଅଣଦେଖା ପ୍ରତିବାଦରେ ସମଗ୍ର ରାଜ୍ୟରେ ଆଜି ବିଭିନ୍ନ କାର୍ଯ୍ୟରତ ସାମ୍ବାଦିକ ସଂଘ ପକ୍ଷରୁ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରିଥିବା ବେଳେ ଏହି କ୍ରମରେ ସୁବର୍ଣ୍ଣପୁର ଜିଲ୍ଲାର କାର୍ଯ୍ୟରତ ସାମ୍ବାଦିକମାନେ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନନ୍ୟା ଦାଶଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ୫ଟି ଅଧକ୍ଷ ଭି.କେ.ପାଣ୍ଡିଆନଙ୍କୁ ଏକ ୫ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ବରିଷ୍ଠ ସାମ୍ବାଦିକ ମାନଙ୍କୁ ପେନସନ, ସାମ୍ବାଦିକ ସୁରକ୍ଷା ଆଇନ, ଗୋପବନ୍ଧୁ ଜୀବନ ବୀମା ଯୋଜନାରେ ହିତାଧିକାରୀଙ୍କ ବାପା ମାଆ ସହ ୨୫ ବର୍ଷରୁ ଅଧିକ ପିଲାଙ୍କୁ ଅନ୍ତର୍ଭୁକ୍ତ କରିବା ଓ ଏହାକୁ ୫ ଲକ୍ଷ ରୁ ୧୦ ଲକ୍ଷ କୁ ବୃଦ୍ଧି କରିବା, ମାଗଣା ରେ ଆବାସ ଘର ଯୋଗାଇବା, ପିଲା ଛୁଆଙ୍କ ଉଚ୍ଚ ଶିକ୍ଷା ବ୍ୟବସ୍ଥା କରିବା, ତଥା ସାମାଜିକ ଓ ଅର୍ଥ ନୈତିକ ସୁରକ୍ଷା କୁ ସୁଦୃଢ଼ କରିବା, ବିନା ସୁଧରେ ସବୁ ବ୍ୟାଙ୍କରୁ ଗାଡ଼ି କ୍ରୟ ଓ ଘର ନିର୍ମାଣ ପାଇଁ ଋଣ ପ୍ରଦାନ୍ କରିବା ଆଦି ପ୍ରମୁଖ ଦାବୀ ଏଥିରେ ଉଲ୍ଲେଖ ଥିବା ପ୍ରକାଶ ପାଇଛି । ଜିଲ୍ଲା ର ବରିଷ୍ଠ ସାମ୍ବାଦିକ ପର୍ଶୁରାମ ମିଶ୍ରଙ୍କ ନେତୃତ୍ୱରେ ଆଜି ଏହି ଅଭିଯାନରେ ସମସ୍ତ କାର୍ଯ୍ୟରତ ସାମ୍ବାଦିକ ଯୋଗ ଦେଇ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଥିଲେ ।

MCL ମହାନଦୀ କୋଲଫିଲଡସ ଲିମିଟେଡ୍
www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ କ୍ରୟ ସମ୍ପାଦନ କରାଯାଏ ।"

R-5198